# NATIONAL NEWS BULLETIN (ODIA)
## 21 July - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ।

– ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କୁ କାର୍ଯ୍ୟରୁ ଅନ୍ତର କରିବା ନେଇ ଉଭୟ ସଦନରେ ହସ୍ତଗତ ହୋଇଛି ସ୍ମାରକପତ୍ର ।

- ରାଜ୍ୟସଭାରେ ପାରିତ ହେଲା ଜଳପଥରେ ମାଲ୍ ପରିବହନ ସଂକ୍ରାନ୍ତ ସଂଶୋଧିତ ବିଧେୟକ ।
- ୨୦୨୪-୨୫ ଆର୍ଥିକ ବର୍ଷରେ' ହାରାହାରି ଖୁଚୁରା ମୁଦ୍ରାସ୍ଫିତି ଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ - ସୂଚନା ଦେଲେ ଅର୍ଥମନ୍ତ୍ରୀ ।
- ବାଂଲାଦେଶରେ ବିମାନ ଦୁର୍ଘଟଣା, ୧୯ ମୃତ, ୧୦୦ରୁ ଅଧିକ ଆହତ ।

ଏବଂ

- କାଇରୋରେ ଆଜିଠାରୁ ଆରମ୍ଭ ହେଲା ବିଶ୍ୱ ଜୁନିୟର୍ ସ୍କ୍ୱାସ୍ ଚାମ୍ପିୟନସିପ୍ ।

# ପାର୍ଲାମେଣ୍ଟ ଆଡଜର୍ଣ୍ଣ

ସଂସଦର ଉଭୟ ସଦନକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ପ୍ରଥମ ଦିନରେ ଆଜି ପୂର୍ବାହ୍ଣ ୧୧ଟା ବେଳେ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ୮ ଜଣ ପୂର୍ବତନ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣାର ମୃତକଙ୍କ ପ୍ରତି ମଧ୍ୟ ଗୃହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲା । ବିଭିନ୍ନ ରାଜ୍ୟରେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ପ୍ରାଣ ହରାଇଥିବା ଲୋକଙ୍କ ପରିବାରବର୍ଗଙ୍କ ପ୍ରତି ଗୃହରେ ସମବେଦନା ଜ୍ଞାପନ କରାଯାଇଥିଲା । ଲୋକସଭାର ଆଜିର କାର୍ଯ୍ୟାବଳୀ ଉପରେ ଏକ ରିପୋର୍ଟ :

# ପାର୍ଲାମେଣ୍ଟ ଆଡଜର୍ଣ୍ଣ-କ୍ୟାପ୍‌ସୁଲ୍

ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟ ହଟ୍ଟଗୋଳ କରିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ଉପରେ ତୁରନ୍ତ ଆଲୋଚନା କରିବାକୁ ବିରୋଧୀ ସଦସ୍ୟମାନେ ଗୃହରେ ଦାବି ଉପସ୍ଥାପନ କରିଥିଲେ । ହଟ୍ଟଗୋଳକୁ ଦୃଷ୍ଟିରେ ରଖି ବାଚସ୍ପତି ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ

ଘୋଷଣା କରିଥିଲେ । ଏହାପରେ ଗୃହ କାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ସମୟରେ କଂଗ୍ରେସ, ଏସ୍.ପି., ଡି.ଏମ୍.କେ. ଏବଂ ଅନ୍ୟାନ୍ୟ ବିରୋଧୀ ସଦସ୍ୟମାନେ ସେମାନଙ୍କର ସ୍ଲୋଗାନବାଜୀ ପୂର୍ବଭଳି ଜାରି ରଖିଥିଲେ । ଗୃହର ମଧ୍ୟଭାଗକୁ ଆସି ସେମାନେ ହଟ୍ଟଗୋଳ କରିବା ସମୟରେ ବାଚସ୍ପତି ସଦସ୍ୟମାନଙ୍କୁ ନିଜ ନିଜ ସ୍ଥାନକୁ ଫେରିଯିବା ପାଇଁ ଅନୁରୋଧ କରିଥିଲେ । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ବାଚସ୍ପତି ଘୋଷଣା କରିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ।

**V/O-Kiran Rijiju**

ତେବେ ବିରୋଧୀଙ୍କର ହଟ୍ଟଗୋଳ ଜାରି ରହିବାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ପୁନର୍ବାର ମୁଲତବୀ ଘୋଷଣା କରାଯାଇଥିଲା । ଏହାପରେ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ତେବେ ଗୃହରେ ହଟ୍ଟଗୋଳ ପରିସ୍ଥିତି ଜାରି ରହିବାରୁ ବାଚସ୍ପତି ଆସନ୍ତାକାଲି ପର୍ଯ୍ୟନ୍ତ ଲୋକସଭାକୁ ମୁଲତବୀ ଘୋଷଣା କରିଛନ୍ତି ।

ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କୁ କାର୍ଯ୍ୟରୁ ଅନ୍ତର କରିବା ସଂକ୍ରାନ୍ତ ସ୍ମାରକପତ୍ର ଆଜି ସଂସଦର ଉଭୟ ସଦନରେ ଉପସ୍ଥାପନ କରାଯାଇଛି । ସମ୍ବିଧାନ ଧାରା ୧୨୪, ୨୧୭ ଏବଂ ୨୧୮ ଅନୁଯାୟୀ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହା-ଅଭିଯୋଗ ପ୍ରସ୍ତାବରେ ଲୋକସଭାର

ମୋଟ୍ ୧୪୫ ଜଣ ସଦସ୍ୟ ସ୍ୱାକ୍ଷର କରିଛନ୍ତି । ଅନ୍ୟ ପକ୍ଷରେ ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଜଷ୍ଟିସ ବର୍ମାଙ୍କୁ ବହିଷ୍କାର କରିବା ସଂକ୍ରାନ୍ତ ସ୍ମାରକପତ୍ର ମଧ୍ୟ ତାଙ୍କର ହସ୍ତଗତ ହୋଇଛି । ଏଥିରେ ୫୦ରୁ ଅଧିକ ରାଜ୍ୟସଭା ସଦସ୍ୟ ସ୍ୱାକ୍ଷର କରିଛନ୍ତି । ପୂର୍ବରୁ ରାଜ୍ୟସଭାରେ ସଦସ୍ୟମାନେ ସ୍ୱତନ୍ତ୍ର ଆଲେଖ୍ୟ ମାଧ୍ୟମରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ପାଇଁ ଦାବି ଉପସ୍ଥାପନ କରିଥିଲେ । ତେବେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସୁବାସ ଚନ୍ଦ୍ର ଶତପଥୀ ।

## ଆର୍‌ଏସ୍‌-ଲାଡିଂ ବିଲ୍‌

ରାଜ୍ୟସଭାରେ ଆଜି 'ବିଲ୍‌ସ୍ ଅଫ୍ ଲାଡିଂ ବିଲ୍ ୨୦୨୫' ପାରିତ ହୋଇଛି । ଲୋକସଭାରେ ଗତ ମାର୍ଚ୍ଚ ମାସରେ ଏହି ବିଲ୍ ପାରିତ ହୋଇଥିଲା । ଭାରତୀୟ ପରିବହନ ଆଇନ୍ ୧୮୫୬ ବଦଳରେ ଏହାକୁ କାର୍ଯ୍ୟକାରୀ କରାଯିବ । ଜାହାଜ ମାଧ୍ୟମରେ ମାଲ୍ ପରିବହନକୁ ଅଧିକ ସୁବ୍ୟବସ୍ଥିତ ଏବଂ ସରଳ କରିବା ଲକ୍ଷ୍ୟ ନେଇ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ମାଲ୍ ପରିବହନ ସମୟରେ ଜାହାଜ କର୍ତ୍ତୃପକ୍ଷଙ୍କୁ ପ୍ରଦାନ

କରାଯାଉଥିବା ଅନୁମତିପତ୍ରକୁ ଲାଡିଂ ବୋଲି କୁହାଯାଇଥାଏ । ଏଥିରେ ପରିବହନ ହେଉଥିବା ସାମଗ୍ରୀର ପ୍ରକାର, ପରିମାଣ, ସ୍ଥିତି ଏବଂ ଗନ୍ତବ୍ୟ ସ୍ଥଳର ସମ୍ପୂର୍ଣ୍ଣ ବିବରଣୀ ସ୍ଥାନିତ ହୋଇଥାଏ । ବିଲ୍ ଆଲୋଚନାର ଉତ୍ତର ଦେଇ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବା ପରେ ସାଗରମାଳା କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଥିଲା । ଏହା ଅଧୀନରେ ୮୦୫ରୁ ଅଧିକ ପ୍ରକଳ୍ପ ଚିହ୍ନଟ କରାଯାଇଛି ।

ଏହି ପ୍ରକଳ୍ପ ଗୁଡ଼ିକରେ ସାଢ଼େ ୫ ଲକ୍ଷ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଉଛି । ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ସମସ୍ତ ବନ୍ଦରକୁ ଆଧୁନିକୀକରଣ କରାଯିବା ସହ ମାଲ ପରିବହନ କ୍ଷମତା ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି । ଏ ପର୍ଯ୍ୟନ୍ତ ଦେଶର ସମସ୍ତ ପ୍ରମୁଖ ବନ୍ଦର ଗୁଡ଼ିକୁ ରେଳ ଏବଂ ସଡ଼କପଥ ସହ ସଂଯୁକ୍ତ କରାଯାଇ ସାରିଛି । ୨୦୪୭ ସୁଦ୍ଧା ଭାରତକୁ ବିଶ୍ୱର ଶ୍ରେଷ୍ଠ ୫ଟି ଜାହାଜ ନିର୍ମାଣକାରୀ ଦେଶ ମଧ୍ୟରେ ସ୍ଥାନିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସୋନୱାଲ କହିଛନ୍ତି । ଏହି ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଅଂଶଗ୍ରହଣ କରିଥିଲେ ।

# ଏଲ୍‌ଏସ୍-ଇନ୍‌ଫ୍ଲାସନ୍

ଦେଶରେ ମୁଦ୍ରାସ୍ଫିତି ନିୟନ୍ତ୍ରଣ ପାଇଁ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି, ସ୍ଥାୟୀ ନିଯୁକ୍ତିକ୍ଷେତ୍ର ସୃଷ୍ଟି ଏବଂ ପାରିବାରିକ ଆୟରେ ଉନ୍ନତି ଆଣିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମହଜୁଦ ବୃଦ୍ଧି କରିବା, ଖୋଲା ବଜାରରେ କ୍ରୟ କରାଯାଇଥିବା ଶସ୍ୟର ସୁ-ବ୍ୟବସ୍ଥିତ ଭାବେ ବିକ୍ରୟ କରିବା ଏବଂ ସବ୍‌ସିଡି ହାରରେ ଚିହ୍ନଟ ହୋଇଥିବା ଖାଦ୍ୟ ସାମଗ୍ରୀର ଖୁଚୁରା ବ୍ୟବସାୟକୁ ସହଜ କରିବା ଲକ୍ଷ୍ୟ ନେଇ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଫଳରେ ଦେଶରେ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ହାରାହାରି ଖୁଚୁରା ମୁଦ୍ରାସ୍ଫିତି ହାର ୫ ଦଶମିକ୍ ୬ ପ୍ରତିଶତ ରହିଥିବା ବେଳେ ଗତ ଆର୍ଥିକ ବର୍ଷରେ ଏହା  ୪ ଦଶମିକ୍ ୬ ପ୍ରତିଶତକୁ ହ୍ରାସ ପାଇଛି । ଗତ ୬ ବର୍ଷ ମଧ୍ୟରେ ଦେଶର ଏହା ସର୍ବନିମ୍ନ ହାରାହାରି ଖୁଚୁରା ମୁଦ୍ରାସ୍ଫିତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ଇପିଏଫ୍‌ଓ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନରେ ଗତ ମେ ମାସରେ ସବୁଠାରୁ ଅଧିକ ୨୦ ଲକ୍ଷ ୬ ହଜାର ସଦସ୍ୟ ଯୋଡ଼ି ହୋଇଛନ୍ତି । ୨୦୧୮ ଏପ୍ରିଲ୍ ମାସରୁ ସଂଗୃହିତ ତଥ୍ୟ ଆଧାରରେ ଗତ ମେ ମାସରେ ରେକର୍ଡ ପରିମାଣର ସଦସ୍ୟ ସଂଗଠନ ସହ ସଂଶ୍ଲିଷ୍ଟ ହୋଇଥିବା ଜଣାପଡ଼ିଛି । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ନୂତନ ସଦସ୍ୟଙ୍କ ମଧ୍ୟରେ ୨ ଲକ୍ଷ ୬୨ ହଜାର ମହିଳା ଏବଂ ୧୮ରୁ ୨୫ ବର୍ଷ ବୟସ ମଧ୍ୟରେ ୫ ଲକ୍ଷ ୬୦ ହଜାର ସଦସ୍ୟ ଅଛନ୍ତି । ଗତ ଏପ୍ରିଲ୍ ମାସ ତୁଳନାରେ ମେ ମାସରେ ଇ.ପି.ଏଫ୍.ଓ.ରେ ଯୋଡ଼ି ହୋଇଥିବା ସଦସ୍ୟଙ୍କ ସଂଖ୍ୟାରେ ୪ ଦଶମିକ୍ ୭/୯ ପ୍ରତିଶତ ବୃଦ୍ଧି ଘଟିଛି । ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ଦେଶରେ ନିଯୁକ୍ତି କ୍ଷେତ୍ରରେ ବୃଦ୍ଧି ପାଉଥିବା ସୁଯୋଗକୁ ଏହା ପ୍ରତିଫଳିତ କରୁଛି ।

## ବାଂଲାଦେଶ୍-ଏୟାର୍‌କ୍ରାଫ୍ଟ କ୍ରାସ୍

ବାଂଲାଦେଶରେ ବାୟୁସେନାର ଏଫ୍-ସେଭେନ୍ ଲଢୁଆ ବିମାନ ଦୁର୍ଘଟଣାରେ ପାଇଲଟଙ୍କ ସମେତ ୧୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଆଜି ମଧ୍ୟାହ୍ନରେ ଏହି

ବିମାନଟି ଢାକା ନିକଟ ମାଇଲ୍‌ଷ୍ଟୋନ୍ କଲେଜ୍ ପରିସରରେ ଖସିପଡ଼ିଥିଲା । ବାଂଲାଦେଶ ସେନା ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଦୁର୍ଘଟଣା ପାଇଁ ବାଂଲାଦେଶ ସରକାର ଦେଶରେ ଦିନିକିଆ ଶୋକ ପାଳନ କରୁଛନ୍ତି ।

## ରୁଷ-ୟୁକ୍ରେନ୍

ରୁଷର କ୍ରେମ୍‌ଲିନ୍ ମୁଖପାତ୍ର ଦିମିତ୍ରି ପୋସ୍କୋଭ୍ କହିଛନ୍ତି, ୟୁକ୍ରେନ୍ ସହ ସମାଧାନ ପାଇଁ ଅଗ୍ରସର ହେବାକୁ ରୁଷ ପ୍ରସ୍ତୁତ ଅଛି । ତେବେ ରୁଷ ଏହାର ମୂଳ ଲକ୍ଷ୍ୟରୁ ବିଚ୍ୟୁତ ନ ହୋଇ ସମାଧାନର ପନ୍ଥା ବାହାର କରିବାକୁ ଆଗ୍ରହୀ ବୋଲି ସେ କହିଛନ୍ତି । ସରକାରୀ ଟେଲିଭିଜନ୍‌କୁ ଏକ ସାକ୍ଷାତକାରରେ ଶ୍ରୀ ପେସ୍କୋଭ୍ କହିଛନ୍ତି, ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଉଭୟ ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ସମାଧାନର ମାର୍ଗ ଉନ୍ମୋଚନ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ତେବେ ୟୁକ୍ରେନ୍‌ର ସେନା ପ୍ରତ୍ୟାହାର, ନାଟୋ ପ୍ରସ୍ତାବକୁ ପରିତ୍ୟାଗ କରିବା ଏବଂ ୟୁକ୍ରେନ୍‌ରେ ନାଟୋ ସୈନ୍ୟଙ୍କ ମୁତୟନକୁ ବନ୍ଦ କରିବା ଉପରେ ଏହି ଶାନ୍ତିଚୁକ୍ତିନାମା ନିର୍ଭର କରିବ ବୋଲି ରୁଷ ଅଧିକାରୀମାନେ ପୂର୍ବରୁ ବାରମ୍ବାର ମତପ୍ରକାଶ କରିଛନ୍ତି ।

ଅନ୍ୟ ପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି କହିଛନ୍ତି, ମସ୍କୋ ସହିତ ନୂତନ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ତାଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ

୧୪ ତାରିଖରେ କହିଛନ୍ତି, ଆମେରିକା ନାଟୋ ମାଧ୍ୟମରେ ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଯୋଗାଣ କରିବ । ୫୦ ଦିନ ମଧ୍ୟରେ ଯୁଦ୍ଧ ବିରତି ଚୁକ୍ତି ନ ହେଲେ ରୁଷ ବିପକ୍ଷରେ କଠୋର ଶୁଳ୍କ ନୀତି ଲାଗୁ କରିବାକୁ ଶ୍ରୀ ଟ୍ରମ୍ପ୍ ଘୋଷଣା କରିଥିଲେ । ଶ୍ରୀ ଟ୍ରମ୍ପ୍‌ଙ୍କ ଏଭଳି ପ୍ରସ୍ତାବକୁ ରୁଷ ଅଗ୍ରାହ୍ୟ କରିସାରିଛି ।

## ସ୍କ୍ୱାସ୍ ଚାମ୍ପିୟନ୍‌ସିପ୍

ବିଶ୍ୱ ଜୁନିୟର୍ ସ୍କ୍ୱାସ୍ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାରେ ଭାରତୀୟ ମହିଳା ଖେଳାଳି ଏକକ ପର୍ଯ୍ୟାୟର ରାଉଣ୍ଡ ଅଫ୍ **Sixtyfour** ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଏହି ପ୍ରତିଯୋଗିତା କାଇରୋଠାରେ ଆଜିଠାରୁ ଆରମ୍ଭ ହୋଇଛି । ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅନାହତ ସିଂହ, ଆରାଧ୍ୟା ପୋଡ଼ୱାଲ୍, ଅନିକା ଦୁବେ, ନଭ୍ୟା ସୁନ୍ଦରରାଜନ ଏବଂ ରୁଦ୍ରା ସିଂହ ଏହି ସଫଳତା ପାଇଛନ୍ତି । ତେବେ ଉନ୍ନତି ତ୍ରିପାଠୀ ତାଙ୍କର ପ୍ରଥମରାଉଣ୍ଡ ମ୍ୟାଚ୍ ହାରିଯାଇଛନ୍ତି । ୬ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।

# ଭିଏତନାମ୍-ଲାଓସ୍-ଟାଇଫୁନ୍

ସାମୁଦ୍ରିକ ଝଡ଼ **ୱିଫା**ର ସମ୍ଭାବ୍ୟ ପ୍ରଭାବ ନେଇ ଭିଏତ୍‌ନାମ ଏବଂ ଲାଓସ୍ ସତର୍କତାମୂଳକ ପଦକ୍ଷେପ  ଗ୍ରହଣ କରିଛନ୍ତି । ଏହି ଝଡ଼ର ପ୍ରଭାବରେ ପ୍ରବଳ ପବନ ବହିବା ସହିତ ଘଡ଼ଘଡ଼ି ଏବଂ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଆଜି ସନ୍ଧ୍ୟାରେ ଏହି ଝଡ଼ ଭିଏତନାମର ସ୍ଥଳଭାଗ ସ୍ପର୍ଶ କରିବାର ସମ୍ଭାବନା ରହିଛି । ଭିଏତନାମରେ ଉତ୍ତର ଏବଂ କେନ୍ଦ୍ରୀୟ ଅଞ୍ଚଳ ଗୁଡ଼ିକରେ ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଭିଏତ୍‌ନାମ ପ୍ରଧାନମନ୍ତ୍ରୀ ଫାମ୍ ମିନ୍ ଚିନ୍ ସ୍ଥାନୀୟ ପ୍ରଶାସନକୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେବା ସହିତ ସାମୁଦ୍ରିକ ଯାତ୍ରାକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଲାଓସ୍‌ରେ ଏହି ଝଡ଼ର ପ୍ରଭାବରେ ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନ ବିପଦ ନେଇ ସତର୍କ ସୂଚନା ଜାରି କରାଯାଇଛି । ଝଡ଼ର ପ୍ରଭାବରେ କିଛି ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପ୍ରସ୍ତୁତ ରହିବାକୁ ତଳିଆ ଅଞ୍ଚଳ ଏବଂ ନଦୀକୂଳ ତଟବର୍ତ୍ତୀ ସ୍ଥାନ ଗୁଡ଼ିକରେ ରହିଥିବା ଲୋକଙ୍କୁ ସତର୍କ କରାଯାଇଛି ।